ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୬ ମେ, ୨୦୨୨



## ଚଉଶିଙ୍ଗା ମୁଣ୍ଡ, ଚମଡ଼ା, ମାଂସ ଜବତ

ଜମନକିରା,(ଡି.ଏନ.ଏ.): ବାମରା ବନ୍ୟପ୍ରାଣୀ ବନାଞ୍ଚଳ ବଡ଼ରମା ରେଞ୍ଜ ଟିକିବା ପଞ୍ଚାୟତ ଅନ୍ତର୍ଗତ ବଡଖଲିଆ ଗାଁରେ ଗୁରୁବାର ବନ କର୍ମଚାରୀ ଚଢ଼ାଉ କରି ଚଉଶିଙ୍ଗାର ମୁଣ୍ଡ, ଚମଡ଼ା ଓ ମାଂସ ଜବତ କରିଛି। ବନ ବିଭାଗ ସୂଚନା ଅନୁସାରେ, ବଡ଼ଖଲିଆ ଗାଁର ସୁଶିଲ ଭଇଁସା(୨୯) ଓ ସଞ୍ଜୟ ଭଇଁସା (୨୬) ଚଉଶିଙ୍ଗା ମାରି ମାଂସ କାଟୁଥିବା ଖବର ମିଳିଥିଲା। ରେଞ୍ଜର ଦିଲୀପ କୁମାର ମେଣ୍ଡୱାଲାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଚଢ଼ାଉ କରି ସାମଗ୍ରୀ ଜବତ କରିଥିଲେ। ୨ ଅଭିଯୁକ୍ତଙ୍କୁ ବଡ଼ରମା କାର୍ଯ୍ୟାଳୟକୁ ଆଣି ପଚରାଉଚୁରା କରାଯାଉଛି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ସମ୍ବଲୁପର, ୫।୫ (ବ୍ୟୁରୋ): ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ପରିବାର ବର୍ଗ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି। ନାବାଳିକାଙ୍କୁ ଉଦ୍ଧାର କରିବାକୁ ପୋଲିସ ଚେଷ୍ଟା କରୁଛି। ଉଦ୍ଧାର ପରେ ସତ୍ୟାସତ୍ୟ ସାମନାକୁ ଆସିବ।

### ବିଦ୍ୟୁତ୍ ତାର ଚୋରି: ୩ ଗିରଫ

କୁଚିଣ୍ଡା,୫।୫(ଡି.ଏନ.ଏ.): ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଘନସରା (କଜଲି) ଗ୍ରାମରେ ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୁଚିଣ୍ଡା କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ରାଜଗାଙ୍ଗପୁର ପଞ୍ଜାବୀ ପଡାର ସୋନୁ ଚୌଧୁରୀ (୨୭), ରାଜଗାଙ୍ଗପୁର କଲୋନୀ ପଡାର ଅଭିଜିତ ମହାନ୍ତି (୨୬) ଓ ରାଜଗାଙ୍ଗପୁର ଲମଲୋଇର ସରୋଜ ମହାନ୍ତି (୨୪)। ଏମାନଙ୍କଠାରୁ ୨ ବଣ୍ଡଲ ଚୋରି ଆଲୁମିନିୟମ ତାର ଜବତ ହୋଇଛି। ସୂଚନା ଅନୁଯାୟୀ, ଘନସରା ଗ୍ରାମରେ ଏକ ହକି ଷ୍ଟାଡିୟମ ନିର୍ମାଣ ଚାଲିଥିବାରୁ ମହେଶ୍ୱର ମିଞ୍ଜ ନାମକ ଲାଇନମ୍ୟାନ ଘନସରା ଗ୍ରାମର କାର୍ତ୍ତିକ କିସାନ(୨୫)ଙ୍କ ଘର ସମ୍ମୁଖରେ ୨ ବଣ୍ଡଲ ବିଦ୍ୟୁତ ଆଲୁମିନିୟମ ତାର ରଖିଥିଲେ। ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ତାର ଚୋରି କରୁଥିବା ଜାଣିପାରି କାର୍ତ୍ତିକ ସେମାନଙ୍କୁ ବାରଣକରିଥିଲେ। ହେଲେ ସେମାନେ ଆକ୍ରମଣ କରି ତାର ନେଇ ଫେରାର ହୋଇଯାଇଥିଲେ। ବୁଧବାର ଏ ନେଇ କାର୍ତ୍ତିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ୮୭/୨୨) ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ମୁଦିପଡ଼ା ଶୀତଳଷଷ୍ଠୀ ପ୍ରସ୍ତୁତି ବୈଠକ

ସମ୍ବଲପୁର,୫।୫(ବ୍ୟୁରୋ): ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ନୃସିଂହ ଦାସଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଚଳିତବର୍ଷ ଯାତ୍ରାକୁ ଆକର୍ଷଣୀୟ କରିବାକୁ ସଭ୍ୟମାନେ ମତପ୍ରକାଶ କରିଥିଲେ। ଏହାପରେ ଚଳିତବର୍ଷ ସକାଶେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଜଗଦୀଶ ପଣ୍ଡା ସଭାପତି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ସୁନୀଲ ସାହାଣୀ, ଲକ୍ଷ୍ମୀନାରାୟଣ ପଟେଲ, ହିମାଂଶୁ ପାଣିଗ୍ରାହୀ, ଅଭିଷେକ ପ୍ରଧାନ ଉପସଭାପତି ରହିଛନ୍ତି। ଅମୂଲ୍ୟ ପଟେଲ, କୈଳାସ ପ୍ରଧାନ, ରାହୁଲ ପ୍ରଧାନ ସହ ସମ୍ପାଦକ, ଖଡିରତ୍ନ ବେହେରା କୋଷାଧ୍ୟକ୍ଷ, କୃଷ୍ଣଚନ୍ଦ୍ର ପରିଡା ଓ ସ୍ୱାଗତ ପଣ୍ଡା ସହ କୋଷାଧ୍ୟକ୍ଷ ଏବଂଜିତୁ କର୍ଣ୍ଣ ମୁଖ୍ୟ ସାଙ୍ଗଠନିକ ସମ୍ପାଦକ, ଗଙ୍ଗାଧର ଭୋଇ, ଭୋଳା ମହାତ୍ତମ ସାଙ୍ଗଠନିକ ସମ୍ପାଦକ, ରାଜେନ୍ଦ୍ର ମୁନସୀ, ମାନସ ସାହୁ, ସୁମନ କର୍ଣ୍ଣ, ସୁରଜ ପଟେଲ ସହ ସାଙ୍ଗଠନିକ ସମ୍ପାଦକ ଭାବେ ଚୟନ ହୋଇଛନ୍ତି। ସେହିପରି ବ୍ୟୋମକେଶ ପଣ୍ଡା ଓ ସୁଧିର ରଞ୍ଜନ ବହିଦାର ମିଡିଆ ସଂଯୋଜକ ରହିଛନ୍ତି।

### ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ବାର୍ଷିକୋତ୍ସବ

ପଡିଆବାହାଲ,୫।୫(ଡି.ଏନ.ଏ.): ଜମନକିରା ବ୍ଲକ କୁଲୁଣ୍ଡିସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷା ମଞ୍ଜୁଲତା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ନୃପରାଜ ସାହୁ ମୁଖ୍ୟଅତିଥି, ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ଅଶୋକ କୁମାର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଭାବ ଅସୁବିଧା ଉଚ୍ଚ ଅଧିକାରୀଙ୍କଠାରେ ଉପସ୍ଥାପିତ କରି ସମାଧାନ କରିବାକୁ ମୁଖ୍ୟଅତିଥି ପ୍ରତିଶ୍ରୁତି ଦେଇଥିଲେ। ଦିବଂଗତ ଅଧକ୍ଷ ଶାନ୍ତନୁ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଅଧାପକ ପ୍ରବୀଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ନକଲି ମଦ ତିଆରି ର୍‍ୟାକେଟ୍ ଠାବ

## ମଦ ଦୋକାନ କର୍ମଚାରୀଙ୍କ ସମେତ ୭ ଗିରଫ

ସମ୍ବଲପୁର,୫।୫(ବ୍ୟୁରୋ)

ସମ୍ବଲପୁର ଅବକାରୀ ବିଭାଗ ଗୁରୁବାର ନକଲି ବିଦେଶୀ ମଦ ତିଆରି କରୁଥିବା ଏକ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମଦ ଦୋକାନ କର୍ମଚାରୀଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ଏହାସହ ଖାଲି ବୋତଲ, ବିଭିନ୍ନ କମ୍ପାନୀର ମଦ ବୋତଲ ଠିପି, ଅବକାରୀ ବିଭାଗ ସିଲ୍, ଲୋଗୋ, ସ୍ପିରିଟ ଆଦି ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଫାର୍ମରୋଡ ମଦ ଦୋକାନ କର୍ମଚାରୀ ତଥା ବିହାର ନିବାସୀ ସନ୍ତୋଷ ଗୁପ୍ତା (୪୨), ରବି କୁମାର (୨୭), ରାମ ପ୍ରସାଦ ଯାଦବ (୩୬), ରାମଜୀ ଯାଦବ (୨୪), ମିଥିଲେଶ ଯାଦବ (୪୨), ଦିଲୀପ ସିଂ (୨୬) ଓ କୁଚିଣ୍ଡାର ରାଜେଶ ମହାନ୍ତି। ଏ ନେଇ ଅବକାରୀ ବିଭାଗ ପୃଥକ୍ ୩ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଡେପୁଟି କମିଶନର ଉମ୍ବରୁଧର ଖଣ୍ଡା କହିଛନ୍ତି, ନକଲି ମଦ ଓ ଲେବଲିଂ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏଥିପାଇଁ ସଦର ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଟାଉନ ଥାନା ମୁଦିପଡାର ଦେଉଳବନ୍ଧ ନିକଟ ଏକ ଗୋଦାମରେ ଚଢାଉ କରି ସନ୍ତୋଷ ଓ ରବିଙ୍କୁ ଗିରଫ କରିଥିଲା। ସେଠାରୁ ନକଲି ମଦ ତିଆରି ସାମଗ୍ରୀ ଜବତ ହୋଇଥିଲା। ସେମାନଙ୍କ ନିକଟରୁ ସୂଚନା ପାଇ ଟିମ୍ ଝାରସୁଗୁଡ଼ା ମଙ୍ଗଳ ବଜାରରେ ଚଢାଉ କରିଥିଲା। ସେଠାରୁ ୩ ଅଭିଯୁକ୍ତଙ୍କୁ ଗିରଫ ସହ ବିଭିନ୍ନ ସାମଗ୍ରୀ ଜବତ ହୋଇଥିଲା। ସେହିପରି ବରଗଡ ଜିଲାରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ନକଲି ମଦ ତିଆରି କରି ଗ୍ରାମାଞ୍ଚଳ, ଢାବାରେ ବିକ୍ରି କରୁଥିଲେ। ମଦ ତିଆରି ସାମଗ୍ରୀ ସମଗ୍ର ରାଜ୍ୟରେ ଯୋଗାଣ କରୁଥିଲେ। ଏପରି କି ବୋତଲରୁ ମଦ କାଢି ପାଣି ଭର୍ତ୍ତି କରି ବିକ୍ରି କରୁଥିଲେ ବୋଲି କହିଥିଲେ।



ଅବକାରୀ ବିଭାଗ ଜବତ କରିଥିବା ସାମଗ୍ରୀ ଓ ଗିରଫ ଅଭିଯୁକ୍ତ ।

## କୁଞ୍ଜେଲପଡା ବୁଢ଼ିମା'ଙ୍କ ଶୀତଳ ଯାତ୍ରା

ସମ୍ବଲପୁର,୫।୫(ବ୍ୟୁରୋ)

ସମ୍ବଲପୁର କୁଞ୍ଜେଲପଡାସ୍ଥିତ ବୁଢ଼ିମାଙ୍କ ଶୀତଳ ଯାତ୍ରା ଗୁରୁବାର ସମ୍ପନ୍ନ ହୋଇଛି। ସକାଳେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଅପରାହ୍ନରେ ବୁଢ଼ିମା ଶୀତଳ ଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପ୍ରଚଣ୍ଡ ରୌଦ୍ର ତାପକୁ ଖାତିର ନ କରି ଭକ୍ତମାନେ ରାଜ ରାସ୍ତାରେ ଅଧିଆ ପଡି ଆଶୀର୍ବାଦ ଗ୍ରହଣ କରିଥିଲେ। ବରୁଆଙ୍କ ସହ ଭକ୍ତମାନେ ଖାଲି ପାଦରେ କୁଞ୍ଜେଲପଡା ବୁଢ଼ୀମା ପୀଠରୁ ବାହାରି ବଡ ସଡକ ଓ ସାନ ସଡକ ପରିକ୍ରମା କରିଥିଲେ। ଲିମ୍ବ ଡାଳ, ଘଣ୍ଟ, ଶଙ୍ଖ, ଦୁଲିଦୁଲି ବାଜା ସାମିଲ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଭକ୍ତମାନେ ପୂର୍ଣ୍ଣ କଳସ ନେଇ ବରୁଆଙ୍କୁ ବନ୍ଦାଣ କରିଥିଲେ। ଏଥିସହ ବରୁଆଙ୍କ ମୁଣ୍ଡରେ ପାଣି ଢ଼ାଳି ପ୍ରଣିପାତ କରିଥିଲେ। ଏହି ଯାତ୍ରା ସମ୍ବଲପୁର ବାଲିବନ୍ଧାସ୍ଥିତ ବୁଢ଼ୀମା ମନ୍ଦିରରେ ଉଦ୍‌ଯାପିତ ହୋଇଥିଲା।

# ଶ୍ରମିକଙ୍କ ସହ କାମ କଲେ ସରପଞ୍ଚ

ସମ୍ବଲପୁର, ୫।୫(ବ୍ୟୁରୋ)

କୋଭିଡ୍ ସମୟରେ ସଞ୍ଜୀବନୀ ସାଜିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବାକୁ ଏବେ ଶ୍ରମିକମାନେ ଇଚ୍ଛା କରୁ ନାହାନ୍ତି। ମଜୁରି ପାଇବାରେ ବିଳମ୍ବ, ପ୍ରକଳ୍ପରେ ବ୍ୟବହାର ହେଉଥିବା ସାମଗ୍ରୀ ବାବଦ ଟଙ୍କା ନ ମିଳିବା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ହେଲେ ସରକାରୀ ସ୍ତରରେ ଏହି ଯୋଜନାରେ କିଭଳି ଅଧିକ ଶ୍ରମିକ ନିୟୋଜିତ ହୋଇ ଲାଭ ପାଇବେ ସେ ନେଇ ଚେଷ୍ଟା କରାଯାଉଛି। ସରକାରଙ୍କ ଏହି ଯୋଜନାର ସଫଳ ରୂପାୟନ ପାଇଁ ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତ ସରପଞ୍ଚ ନିରଞ୍ଜନ ପଣ୍ଡା ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ଶ୍ରମିକଙ୍କୁ ଉତ୍ସାହିତ କରିବା ସହ ଆତ୍ମନିର୍ଭର କରିବା ପାଇଁ ସେ ପ୍ରକଳ୍ପ ସ୍ଥାନକୁ ଯାଇ ଶ୍ରମିକମାନଙ୍କ ସହ ମିଶି କାମ କରୁଛନ୍ତି। ଝାଙ୍କରପାଲି ପଞ୍ଚାୟତ ବିଜୁପଡା ପୋଖରୀ ଖନନ କାମରେ ଗୁରୁବାର ଏଭଳି ଘଟଣା ଦେଖିବାକୁ ମିଳିଥିଲା।

ଏହି କାମରେ ପ୍ରାୟ ୨୦ ଜଣ ମହିଳା ଓ ପୁରୁଷ ଶ୍ରମିକ ନିୟୋଜିତ ରହିଥିଲେ। ଜିଆର୍‌ଏସ୍ ହରପ୍ରସାଦ ଭୋଇ ଓ ମେଟ୍ କାମର ତଦାରଖ କରୁଥିଲେ। ସରପଞ୍ଚ ପଣ୍ଡା ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। କାମ କିଭଳି ହେଉଛି, ସମସ୍ୟା କ'ଣ ରହିଛି ବୋଲି ପଚାରିଥିଲେ। ଶ୍ରମିକମାନେ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ମଜୁରି ଶୀଘ୍ର କରାଇଦେବାକୁ ଦାବି କରିଥିଲେ। ସରପଞ୍ଚ ପଣ୍ଡା ସମସ୍ତ ସମସ୍ୟା ଦୂର କରାଯିବ ବୋଲି କହିଥିଲେ। ମହିଳା ଶ୍ରମିକମାନଙ୍କ ସହ ସେ କିଛି ସମୟ କାମ କରିଥିଲେ। ଶ୍ରମିକମାନେ ମନା କରିଥିଲେ ମଧ୍ୟ ସେ ମହିଳାଙ୍କ ମାଟିଝୁଡ଼ି ବୋହି ସେମାନଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ସମସ୍ତ ଶ୍ରମିକ ବେଶ୍ ଖୁସି ହୋଇ ତାଙ୍କୁ ପ୍ରଶଂସା କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ପଣ୍ଡା କହିଛନ୍ତି, ଦାଦନ ଶ୍ରମିକ ରୋକିବା, ରୋଜଗାର ସୃଷ୍ଟି କରି ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ଚେଷ୍ଟା କରୁଛି। ଅଧିକ ଶ୍ରମିକ ନିୟୋଜିତ ହେଲା ଭଳି ପ୍ରକଳ୍ପ ହାତକୁ ନିଆଯାଇଛି। ଏବେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ୫ ଗୋଟି ପୋଖରୀ ଖନନ କାମ ଚାଲିଛି। ଏଥିରେ ଶ୍ରମିକ ନିୟୋଜିତ ହେଉଛନ୍ତି। ଆଗକୁ କିଭଳି ଅଧିକ ଶ୍ରମିକ ନିୟୋଜିତ ହୋଇପାରିବେ ସେ ନେଇ ଚେଷ୍ଟା ଜାରି ରହିବ। ଉତ୍ସାହିତ କରିବା ଲକ୍ଷ୍ୟରେ କାମ ସ୍ଥଳକୁ ଯାଇ ଶ୍ରମିକଙ୍କ ସହ ମିଶି କାମ କରିଥିଲି ବୋଲି ସେ କହିଥିଲେ। ଅନ୍ୟପଟେ ଜିଆର୍‌ଏସ୍ ଭୋଇ କହିଛନ୍ତି, ପ୍ରବଳ ଖରା ଯୋଗୁ ସମସ୍ୟା ହେଉଥିବା ବେଳେ କେନ୍ଦୁପତ୍ର ସଂଗ୍ରହ କାମରେ ଶ୍ରମିକମାନେ ନିୟୋଜିତ ହେଉଛନ୍ତି। ଏବେ ୩୦ରୁ ୪୦ ଶ୍ରମିକ ଆସୁଥିବା ବେଳେ ଆଗକୁ ଶ୍ରମିକ ସଂଖ୍ୟା ବୃଦ୍ଧି ପାଇବ। ପଞ୍ଚାୟତରେ ମୋଟ ୯୫୦ ଜଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୪୦ ଜଣ ସକ୍ରିୟ ଭାବେ କାମ କରୁଛନ୍ତି। ଏହି ପୋଖରୀକୁ ଆଦର୍ଶ ପୋଖରୀ ପାଇଁ ପ୍ରସ୍ତାବ ଦିଆଯିବ।



ଝାଙ୍କରପାଲି ସରପଞ୍ଚ ଶ୍ରମିକଙ୍କ ସହ କାମ କରୁଛନ୍ତି ।

## ଅନ୍‌ଲାଇନ ପରୀକ୍ଷା ଦାବି: ଭିସୁଟ ଛାତ୍ରଙ୍କ ଆନ୍ଦୋଳନ



ଆନ୍ଦୋଳନରତ ଭିସୁଟ ଛାତ୍ର।

ସମ୍ବଲପୁର,୫।୫(ବ୍ୟୁରୋ)

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଭିସୁଟ)ରେ ଛାତ୍ରମାନେ ଗୁରୁବାର ପ୍ରଶାସନିକ ଅଫିସ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ସେମିଷ୍ଟର ପରୀକ୍ଷା ଶୁକ୍ରବାରଠାରୁ ହେବ। ଏହାକୁ ଘୁଞ୍ଚାଇ ଦିଆଯାଉ ନଚେତ ଅନ୍‌ଲାଇନରେ ପରୀକ୍ଷା କରାଯାଉ ବୋଲି ଦାବି କରିଥିଲେ। ପରେ କୁଳସଚିବ ଉପମା କାଲୋଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ବୈଠକ ହେବା ପରେ ନିଷ୍ପତ୍ତି ନିଆଯିବ ବୋଲି କୁଳସଚିବ କହିବା ପରେ ଛାତ୍ରମାନେ ଆନ୍ଦୋଳନ ସ୍ଥଗିତ ରଖିଥିଲେ।

## ବୁଲିଲା କମ୍ପ୍ୟୁଟର ଶିକ୍ଷା ସଚେତନତା ରଥ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ କର୍ମକର୍ତ୍ତାମାନେ।

କୁଚିଣ୍ଡା,୫।୫(ଡି.ଏନ.ଏ.)

ସରକାର କମ୍ପ୍ୟୁଟର ଶିକ୍ଷା ପଦ୍ଧତିକୁ ଏବେ ବେଶ୍ ଗୁରୁତ୍ୱ ଦେଉଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଭାଗ ଏବଂ ଓକେସିଏଲ୍ ସଂସ୍ଥାର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ସୁସଜ୍ଜିତ ରଥ ବାମରା ଅଞ୍ଚଳରେ ପରିକ୍ରମା କରି କମ୍ପ୍ୟୁଟର ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା। ବାମରାସ୍ଥିତ ଓକେସିଏଲ୍ ଶିକ୍ଷାକେନ୍ଦ୍ର ଏଲ୍ ଡିଲିଟ କମ୍ପ୍ୟୁଟର ଏଜୁକେଶନ କେନ୍ଦ୍ରର ଅଧକ୍ଷା ଅରୁଣାମୟୀ ବେହେରାଙ୍କ ତତ୍ତ୍ୱାବଧାନରେ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରତିବର୍ଷ ୧୦ ଜଣ ଗରିବ ଓ ବିପିଏଲ ଶ୍ରେଣୀର ତଥା ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ। ଏହାଦ୍ୱାରା ଛାତ୍ରୀଛାତ୍ର ଅତ୍ୟାଧୁନିକ ଉପାୟରେ ଶିକ୍ଷା ଗ୍ରହଣ ପରେ ସରକାରୀ ଚାକିରି ପାଇବାରେ ସହାୟକ ହେବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ରଶ୍ମି ନାଏକ, ହିମାଂଶୁ ପଟ୍ଟନାୟକ, ନୀତିଶ ଖଣ୍ଡେଲୱାଲ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାପାଳଙ୍କୁ ଭେଟିଲା ମିଳିତ କ୍ରିୟାନୁଷ୍ଠାନ କମିଟି

ସମ୍ବଲପୁର,୫।୫(ବ୍ୟୁରୋ)

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଗୁରୁବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କୁ ଭେଟିଛନ୍ତି। ଜିଲାପାଳଙ୍କୁ ଭେଟିବା ଅବସରରେ ସଦସ୍ୟମାନେ ଦର୍ଶାଇଥିଲେ, ଚଳିତବର୍ଷ ସ୍ଥିତି ସ୍ୱାଭାବିକ ହେବା ପେର ଯାତ୍ରା ପାଳନ କରିବାକୁ କମିଟି ସ୍ଥିର କରିଛି। ଏଥିପାଇଁ ଜିଲା ପ୍ରଶାସନର ସହଯୋଗ ଆବଶ୍ୟକ। ରାସ୍ତା ସଫାସୁତୁରା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ ଭଳି ଆବଶ୍ୟକ ସେବା ଯୋଗାଇଦେବାକୁ ଦାବି କରିଥିଲେ।

ଜିଲାପାଳ ପରିଡା ମଧ୍ୟ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ପରେ ଅତିରିକ୍ତ ଏସ୍‌ପି ମହାନ୍ତିଙ୍କୁ ଭେଟି ଯାତ୍ରା ସମୟରେ ନିଶା ଦ୍ରବ୍ୟ ବିକ୍ରି ଉପରେ କଟକଣା କରିବା, ଟ୍ରାଫିକ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପଦକ୍ଷେପ ନେବାକୁ ଦାବି କରିଥିଲେ। କମିଟି ସଭାପତି ସୁଶାନ୍ତ କୁମାର ପୁରୋହିତ, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର, ସଭ୍ୟ ବିଶ୍ୱ ରଞ୍ଜନ ପୂଜାରୀ, ସୁନୀଳ କୁମାର ସାହୁ, ଫଣିଭୂଷଣ ମିଶ୍ର, ସରୋଜ ଦଳପତ, ପ୍ରମୁଖ ଉପସ୍ଥିତ ଥିଲେ।

## କୁଚିଣ୍ଡା ଏନ୍‌ଏସିର କାଉନସିଲ ବୈଠକ

କୁଚିଣ୍ଡା,୫।୫(ଡି.ଏନ.ଏ.)

କୁଚିଣ୍ଡା ଏନ୍‌ଏସିର ପ୍ରଥମ କାଉନସିଲ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଉପାଧକ୍ଷା ଦେବଜାନୀ କାଲୋ, କାଉନସିଲର ନବୀନ ହୋତା, ଆଶା ମିସ୍ତ୍ରି, ରାଜେଶ ସାହୁ, କ୍ଷିରୋଦ ଚିଲ, ବବିତା ଅଗ୍ରୱାଲ, ଗୀତାଞ୍ଜଳି ନାଏକ, ପଦ୍ମିନୀ ପଟେଲ, ଇତିରାନୀ ବାଘ ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲାପାଳ ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ଗୋଏଲଙ୍କ ଉପସ୍ଥିତିରେ ପାନୀୟ ଜଳ ସମସ୍ୟା, ଶୌଚାଳୟ ନିର୍ମାଣ, ଭଡା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।

## ସ୍ମାର୍ଟସିଟି ପ୍ରକଳ୍ପ ସମୀକ୍ଷା କଲେ ଜୁଏଲ ଓରାମ

ରାଉରକେଲା ଅଫିସ,୫।୫

ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଗୁରୁବାର ରାଉରକେଲା ସ୍ମାର୍ଟସିଟି ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପଗୁଡିକର ସମୀକ୍ଷା କରିଛନ୍ତି। ସେ ବିଶ୍ରା ମୁଣ୍ଡା ଇନ୍‌ଡୋର ଷ୍ଟାଡିୟମ୍, ବିପିୟୁଟି ହକି ଷ୍ଟାଡିୟମ, କୋଏଲନଗର ସେଣ୍ଟ୍ରାଲ ପାର୍କ ଏବଂ ନିର୍ମାଣାଧୀନ ବ୍ରାହ୍ମଣୀବ୍ରିଜ୍ କାର୍ଯ୍ୟ ବୁଲି ଦେଖିଥିଲେ। ତୁରନ୍ତ ଏହିସବୁ କାର୍ଯ୍ୟ ଶେଷ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏମ୍‌ପି ଓରାମ ଆଇଜିଏଚ୍ ସୁପସ୍ପେଶାଲିଷ୍ଟ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ଉପକରଣ ସହ ଅନ୍ୟାନ୍ୟ ପ୍ରୋଜେକ୍ଟ ଉପରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ଭାଜପାର ଲତିକା ପଟ୍ଟନାୟକ, ଗଙ୍ଗାଧର ଦାଶ, ଧୀରେନ ସେନାପତି, ରୋହିତ ତନ୍ତୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଏମ୍‌ପି ଜୁଏଲ ଓରାମ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଦୋଷୀ ଗିରଫ ନ ହେଲେ ବାମରା ବନ୍ଦ

## ଶ୍ମଶାନଘାଟ ଓ ଆଶ୍ରୟସ୍ଥଳ ଭଙ୍ଗା ଘଟଣା

### ଗ୍ରାମବାସୀଙ୍କ ଉପଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,୫।୫(ଡି.ଏନ.ଏ.)

ବାମରା ବ୍ଲକ ମୁଖାଳୟ ଆଦର୍ଶ ବିଦ୍ୟାଳୟ ସନ୍ନିକଟ ବାଘପଡ଼ା ଘାଟି ଶ୍ମଶାନରେ ଥିବା ଶବଦାହ ଗୃହ ଓ ଆଶ୍ରୟସ୍ଥଳକୁ ଗତ ସୋମବାର ରାତିରେ କେହି ଦୁର୍ବୃତ୍ତ ଭାଙ୍ଗିଦେଇଥିବାରୁ ବାମରା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ବୁଧବାର ବାମରା ଅତିରିକ୍ତ ତହସିଲଦାର ସୁଜୟ ପଣ୍ଡା, ଗୋବିନ୍ଦପୁର ପୋଲିସ ସବ୍‌ଇନ୍ସପେକ୍ଟର ବାସୁଦେବ ସେଠଙ୍କ ସମେତ ସ୍ଥାନୀୟ ଆର୍‌ଆଇ, ସୁପରଭାଇଜର ପ୍ରମୁଖ ଘଟଣାସ୍ଥଳରେ ସରଜମିନ ତଦନ୍ତ କରିଥିଲେ। ଆଗାମୀ ୨୪ଘଣ୍ଟା ମଧ୍ୟରେ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଦୋଷୀଙ୍କୁ ଗିରଫ କରା ନ ଗଲେ ବାମରା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗୁରୁବାର ଗ୍ରାମର ଏକ ପ୍ରତିନିଧି ଦଳ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦୋଷୀଙ୍କୁ ଗିରଫ ସହ ନୂତନ ଶବଦାହ ଗୃହ ଓ ଆଶ୍ରୟସ୍ଥଳ ନିର୍ମାଣ ସାଙ୍ଗକୁ ଶ୍ମଶାନଘାଟର ନାମ ମୁକ୍ତିଧାମ ରଖିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଗୋବିନ୍ଦପୁର ଥାନା ଆଇଆଇସି ଅଜୟ କୁମାର ଜେନା କହନ୍ତି, ଏହି ଘଟଣା ନେଇ ଗ୍ରାମବାସୀ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଥିବା ପରେ ପୋଲିସ ବାମରାର ଆକାଶ ଦିକ୍ଷୀତଙ୍କ ନାମରେ ଆଇପିସି ଦଫା ୪୨୭, ୪୪୭, ୨୯୪, ୫୦୬ରେ ମାମଲା (ନଂ୮୬/୨୨) ରୁଜୁ କରିଛି। ହେଲେ ଫେରାର ଥିବାରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରି ନାହିଁ। ସୂଚନାଯୋଗ୍ୟ ୨୦୧୭ରେ ବାମରା ଗ୍ରାମବାସୀଙ୍କ ଦ୍ୱାରା ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟରେ ଶବଦାହ ଗୃହ ଓ ଆଶ୍ରୟସ୍ଥଳ ନିର୍ମାଣ ହୋଇଥିଲା। ତଦନ୍ତ ପରେ ଏହି ସ୍ଥାନ ଡୁମେରମୁଣ୍ଡା ମୌଜା ଖାତା ନଂ–୩୪୨/୫୩୪, ପ୍ଲଟ ନଂ–୧୨୬୩ରେ ରହିଥିବା ଆର୍‌ଆଇ ରିପୋର୍ଟ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ବାମରାର ଗିରିନ୍ଦ୍ର ଅଗ୍ରୱାଲ, ଜ୍ୟୋତି ଲାଠ, ବିଷ୍ଣୁ ଅଗ୍ରୱାଲ, ଗ୍ରବଣ ଚୌଧୁରୀ, ମନୋଜ୍ଞ ଚୌଧୁରୀ, ନୀରଜ ଅଗ୍ରୱାଲ, ଆଲୋକ ଜୟସ୍ୱାଲ, ମନୋଜ ରାଜ, ଲକ୍ଷ୍ମୀଧର ସାହୁ, ଜଗନ୍ନାଥ ମଣ୍ଡଳ, ଅବିନାଶ ଅଗ୍ରୱାଲଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୬ ମେ, ୨୦୨୨

**ଚାଷଜମିକୁ ପାଉନି ପାଣି**

ବରପାଲି,(ଡି ଏନ ଏ): ବରଗଡ ଜିଲା ବରପାଲି ବ୍ଲକ ଅଧୀନ କୁମ୍ଭାରୀର ୭ ନମ୍ବର ଆଡି, ମାଉଳି ମନ୍ଦିର ଓ ସମଲେଇ ମନ୍ଦିର ଅଞ୍ଚଳରେ ଚାଷ ହୋଇଥିବା ଧାନଜମିକୁ ପାଣି ମାଡ଼ି ପାରୁନାହିଁ । ଧାନ ଫସଲ ବାହାରିବା ସମୟରେ ପାଣି ନିଅଣ୍ଟ ହେଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଆସନ୍ତା ୧୦ ତାରିଖରେ କେନାଲ ପାଣି ବନ୍ଦ ହେବାକୁ ଯାଉଛି। ଅମଳ ପୂର୍ବରୁ ଯଥେଷ୍ଟ ପାଣି ନ ମିଳିଲେ ଧାନ ଫସଲ ନଷ୍ଟ ହେବ । ଏ ନେଇ ପଦକ୍ଷେପ ନେବାକୁ ଚାଷୀ ପ୍ରକାଶ ମାଝୀ, କମଳ ସାହୁ, ତେଜରାଜ ବେହେରା, ସୁଦର୍ଶନ ସାହୁ, ନାରାୟଣ ପାଣିଗ୍ରାହୀ ଓ ପ୍ରଶାନ୍ତ ସାହୁ ଦାବି କରିଛନ୍ତି ।



## ସଂକ୍ଷେପରେ

### କେନ୍ଦୁପତ୍ର ତୋଳି ଫେରୁଥିବା ବେଳେ ଚଳିପଡ଼ିଲେ ମହିଳା

**ନୂଆପଡ଼ା ଅଫିସ,୫।୫:** କେନ୍ଦୁପତ୍ର ତୋଳି ଫେରୁଥିବା ବେଳେ ରାସ୍ତାରେ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ନୂଆପଡ଼ା ଜିଲା କୋମନା ଥାନା ଜଟଗଡ ଗାଁରେ। ମୃତା ମହିଳା ହେଲେ ଜଟଗଡ ଗାଁର ସାବିତ୍ରୀ ରଣା (୫୦)। ଗୁରୁବାର ଭୋରୁ ଗାଁର ମହିଳାମାନଙ୍କ ସହିତ ସାବିତ୍ରୀ ବାବେଘାଟି ଜଙ୍ଗଲ ଖଲିଆଖୋଲ ଅଞ୍ଚଳରୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ ଘରକୁ ଫେରୁଥିବା ବେଳେ ବାବେଘାଟି ଗେଟି ଖଦାନ ପାଖରେ ହଠାତ ପଡି ଯାଇଥିଲେ। ଅନ୍ୟ ମହିଳାମାନେ ତାଙ୍କୁ ଉଠାଇ ପାଣି ପିଇବା ପାଇଁ ଦେଇଥିଲେ। ହେଲେ ପାଣି ପାଟିକୁ ଗଲାନାହିଁ, ଅଚେତ ଅବସ୍ଥାରେ ପଡିରହିଲେ। ଖବର ପାଇ ପରିବାର ଲୋକେ ଘରକୁ ଆଣିଲେ। ପରେ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଥିବାରୁ ଫେରି ଆସିଥିଲା। ଆଉ ଚିକିତ୍ସାଳୟକୁ ଅଣାଗଲା ନାହିଁ। ଅସହାୟ ସାବିତ୍ରୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗର୍ଣ୍ଣ ରଣା, ଅଲେଖ ରଣା, କେଶର ଚନ୍ଦ୍ର ରଣା, ଦିଆଲୁ ରଣା, ହୃଷୀକେଶ ରଣା, ପବିତ୍ର ରଣା ପ୍ରମୁଖ ଦାବି କରିଛନ୍ତି।

### ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ଗୁରୁତର

**ନୂଆପଡ଼ା ଅଫିସ,୫।୫:** ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା କୋଦୋପାଲି ଗାଁର ଯୁବକ ଯୁଗଳ ବରିହା (୪୦) କେନ୍ଦୁପତ୍ର ତୋଳୁଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁରୁବାର ଭୋରୁ ଗାଁର ୧୦ରୁ ୧୨ଜଣ ମହିଳା, ପୁରୁଷ ସ୍ଥାନୀୟ କୋଦୋପାଲି ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ଜଙ୍ଗଲରେ କେନ୍ଦୁପତ୍ର ତୋଳୁଥିବା ବେଳେ ହଠାତ ୩ଟି ଭାଲୁ ଯୁଗଳ ପଟେ ଦୌଡି ଆସିଥିଲା। ଯୁଗଳ ଗଛକୁ ଚଢ଼ିବା ପାଇଁ ଉଦ୍ୟମ କରୁଥିବା ବେଳେ ଭାଲୁ ତାଙ୍କ ଗୋଡକୁ ଧରି ଟାଣି ତଳେ ପକାଇ ବିଭିନ୍ନ ସ୍ଥାନରେ କ୍ଷତବିକ୍ଷତ କରିଦେଇଛି। ଯୁଗଳ ଚିତ୍କାର କରିବାରୁ ପାଖରେ କେନ୍ଦୁପତ୍ର ତୋଳୁଥିବା ଲୋକେ ଦୌଡି ଆସି ଠେଙ୍ଗାବାଡିରେ ଭାଲୁକୁ ଘଉଡାଇଥିଲେ। ଗୁରୁତର ଅବସ୍ଥାରେ ଯୁଗଳଙ୍କୁ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କର ମୁଣ୍ଡ ଓ ଦୁଇ ଜଙ୍ଘ ସହ ଶରୀରର ଅନ୍ୟ ସ୍ଥାନରେ ଅଧିକ ଆଘାତ ଲାଗିଛି। ଗରିବ ଅସହାୟ ଲୋକ ହୋଇଥିବାରୁ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

### ଅସ୍ତ୍ରୋପଚାର ପରେ ସୁସ୍ଥ ହେଉଛନ୍ତି ନିର୍ମଳ

**ଲୋଇସିଂହା,୫।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଦର ଗ୍ରାମର ନିର୍ମଳ ସାହୁ(୪୭)ଙ୍କ ଶରୀର ବାମପାର୍ଶ୍ୱ ହିପରେ ସେକେଣ୍ଡାରୀ ଅଷ୍ଟିଓଆଥରାଇଟିସ୍ ସମସ୍ୟା ଥିଲା। ଆଗଲପୁର ମାହେଶ୍ୱରୀ ସଂଗଠନର ଉଦ୍ୟମକ୍ରମେ ତାଙ୍କୁ ରାୟପୁରଠାରେ ଚିକିତ୍ସା କରାଯାଇଛି। ଆବଶ୍ୟକ ଅସ୍ତ୍ରୋପଚାର ପରେ ନିର୍ମଳଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଛି। ଦୁଃସାଧ୍ୟ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ ନିର୍ମଳ । ଅର୍ଥାଭାବରୁ ତାଙ୍କର ଚିକିତ୍ସା ହୋଇ ପାରୁ ନ ଥିଲା । ପରିବାର ଲୋକେ ମାହେଶ୍ୱରୀ ସଂଗଠନ ସଦସ୍ୟଙ୍କୁ ଜଣାଇଥିଲେ । ମାହେଶ୍ୱରୀ ସଂଗଠନ ପକ୍ଷରୁ ତାଙ୍କୁ ଛତିଶଗଡ ରାଜ୍ୟ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନିର୍ମଳଙ୍କ ହାଇବ୍ରିଡ ଟୋଟାଲ ହିପ୍ ରିପ୍ଲେସମେଣ୍ଟ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି ।

### ଯମୁନାରେ ସୁନ୍ଦରାକାଣ୍ଡ ପାରାୟଣ

**ମୁରିବାହାଲ,୫।୫(ଡ.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଲଦୀ ପଞ୍ଚାୟତ ଅନ୍ତର୍ଗତ ଯମୁନା ଗ୍ରାମରେ ଗୁରୁବାର ସୁନ୍ଦରାକାଣ୍ଡ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରାୟଣ ଗାୟିକା ସୁଶ୍ରୀ ବନ୍ଦୀତା ନାୟକ ଓ ସାଥୀ ସୁନ୍ଦରାକାଣ୍ଡ ପଠନ କରିଥିଲେ। ସେହିପରି ପଣ୍ଡିତ ରାଧେଶ୍ୟାମ ବ୍ରହ୍ମା ଓ ସାଥୀ ପ୍ରବଚନ ଦେଇଥିଲେ। ପାରାୟଣ କର୍ତ୍ତାଭାବେ ନେତ୍ରାନନ୍ଦ ମହାକୁର ଦାୟିତ୍ୱ ନିର୍ବାହ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଭାରପ୍ରାପ୍ତ ରେଞ୍ଜର ଲିଙ୍ଗରାଜ ଭୋଇ, ସମିତି ସଭ୍ୟ ଚୁନାମଣୀ ମହାନନ୍ଦ, ସନ୍ୟାସୀ ପୁଟେଲ, ଚକ୍ରଧର ହେର୍ଣ୍ଣା ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ଯମୁନା ଗ୍ରାମର ଭିକାରୀ ପାତ୍ର, ବିଶାମିତ୍ର ଜାଲ,ସୁଶାନ୍ତ ପଧାନ, ଲୋଚନ ମହାକୁର, ଧର୍ମେନ୍ଦ୍ର ପଧାନଙ୍କ ସହ ଯମୁନା ତଥା ଆଖପାଖ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାହାରେ ରଙ୍ଗ, ଭିତରେ ଫାଙ୍କା

**ରାମପୁର ଆଶ୍ରମ ସ୍କୁଲ ରୂପାନ୍ତରଣ କାମ**
- ସୌନ୍ଦର୍ଯ୍ୟକରଣ ବାଡ ଫାଟି ଆଁ
- ବ୍ୟବହାର ହୋଇଛି ନିମ୍ନମାନର ଟାଇଲ

ଲୋଇସିଂହା,୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରାମପୁରସ୍ଥିତ ଆଶ୍ରମ ସ୍କୁଲ ୫ଟି ରୂପାନ୍ତରଣ ଯୋଜନାରେ ସାମିଲ ହୋଇଛି। ତେବେ ଏହି କାମ ଠିକ୍‌ଭାବେ କରାଯାଉନାହିଁ। ଏହାକୁ ନେଇ ସ୍କୁଲ କମିଟି ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ରାମପୁର ଆଶ୍ରମ ସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ୫ଟିର ଦ୍ୱିତୀୟ ପର୍ଯ୍ୟାୟରେ ସ୍କୁଲ ରୂପାନ୍ତରଣ ପାଇଁ ୪୫ ଲକ୍ଷ ଅନୁଦାନ ମିଳିଛି । ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା କାମ ମନ୍ଥର ଗତିରେ ଚାଲିଛି। ଯାହା ବି କାମ ହେଉଛି ସେଥିରେ ନାନା ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। କେତେକ ପୁରୁଣା କୋଠରିର ବାହାର ପଟ ରଙ୍ଗ ମରାଯାଇଥିବାବେଳେ ଭିତର ପଟ ମରାଯାଇନାହିଁ । ଷ୍ଟାଫରୁମ୍‌ରେ ସିଲିଂ ଫ୍ୟାନ ଲଗାଯାଇନାହିଁ। ସ୍କୁଲରେ ଲାଗିଥିବା ଆଜବେଷ୍ଟସକୁ ରଙ୍ଗ ଦେବାର ନିୟମ ଥିଲେ ବି ତାହା କରାଯାଇନାହିଁ। ଲାଇବ୍ରେରୀକୁ କମ୍ପ୍ୟୁଟରୀକରଣ କରାଯାଇନାହିଁ। ନିମ୍ନମାନର ଟାଇଲ ବ୍ୟବହାର କରାଯାଇଛି। ଏଥିସହିତ ଖରାପ କାମ ଯୋଗୁଁ ସ୍କୁଲ ପରିସରର ସୌନ୍ଦର୍ଯ୍ୟକରଣ ବାଡ ଫାଟି ଆଁ କରିଥିବା ସ୍କୁଲ ପରିଚାଳନା କମିଟି ସଭାପତି ବିଭୀଷଣ ମଲ୍ଲିକ କହିଛନ୍ତି। ବୁଧବାର ଆକାଂକ୍ଷା ଜିଲା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ତଥା କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଡ.ସି.ଏସ୍. କୁମାର, ଜିଲାପାଳ ଚଞ୍ଚଳ ରାଣା, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ପ୍ରମୁଖ ରୂପାନ୍ତରଣ କାମ ତଦାରଖ ପାଇଁ ଆସିଥିଲେ । ଉକ୍ତ ଟିମକୁ ସ୍କୁଲ କମିଟି ସଦସ୍ୟ ଭେଟିବାକୁ ଚାହିଁଥିଲେ। ହେଲେ ସେମାନଙ୍କୁ ଭିତରକୁ ଯିବାକୁ ଅନୁମତି ମିଳି ନଥିବା ସ୍କୁଲ କମିଟି ସଭାପତି ମଲ୍ଲିକ କହିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ରାଉତଙ୍କୁ ପଚାରିବାରୁ କାମ ସଠିକ୍ ଢଙ୍ଗରେ କରାଯାଉନାହିଁ। ସ୍କୁଲ ତରଫରୁ କୁହାଗଲେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅନୁଦାନ କମ୍ ପଡୁଥିବା କହୁଛନ୍ତି। ବୁଧବାର ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀ ରୂପାନ୍ତରୀଣ କାମରେ ଅନିୟମିତତା ଦେଖି କ୍ଷୋଭ ପ୍ରକାଶ କରିଥିବା ସେ କହିଛନ୍ତି।

# ପାଣି ପାଇଁ ରାସ୍ତାରୋକୋ



ସିପ୍‌କା ପଡାବାସୀ ପାଇପ ପାଣି ଯୋଗାଣ ଦାବିରେ ରାସ୍ତାରୋକୋ କରିଛନ୍ତି।

**୩ଘଣ୍ଟା ରାସ୍ତାରେ ବସିଲେ ସିପ୍‌କାପଡାବାସୀ**

କଣ୍ଟାବାଞ୍ଜି,୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରାଞ୍ଚଳ ସିପ୍‌କା ପଡାବାସୀ ଗତ ୪ ଦିନ ହେଲା ଜନସ୍ୱାସ୍ଥ୍ୟ ବିଭାଗଦ୍ୱାରା ଯୋଗାଣ ହେଉଥିବା ପାଇପ ପାଣି ପାଉ ନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ବି କିଛି ଲାଭ ମିଳୁନାହିଁ। ଏହାର ପ୍ରତିବାଦରେ ଗୁରୁବାର ସକାଳ ସାଢେ ୬ଟାରୁ ପୂର୍ବାହ୍ନ ୯ଟା ଯାଏ ସେମାନେ ଷ୍ଟେସନ ରୋଡ ତଥା ସରକାରୀ ଡାକ୍ତରଖାନାକୁ ସଂଯୋଗ କରୁଥିବା ଅଣ୍ଡରଗ୍ରାଉଣ୍ଡ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ସମ୍ପୃକ୍ତ ପଥରେ ଯାତାୟାତ ବ୍ୟାହତ ହୋଇଥିଲା। ଖବର ପାଇ ସ୍ଥାନୀୟ ଆଇଆଇସି ସତ୍ୟଜିତ କନ୍ଦନକେଲ ଘଟଣଶସ୍ଥଳରେ ପହଞ୍ଚି ପଡାବାସୀଙ୍କୁ ବୁଝାସୁଝା କରିଥିଲେ। ହେଲେ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଆନ୍ଦୋଳନକାରୀ ଅଡି ବସିଥିଲେ। ଆଶୁ ସମାଧାନ ସ୍ୱରୂପ ଟ୍ୟାଙ୍କର ଯୋଗେ ଜଳଯୋଗାଣ ସହ ପଡାବାସୀଙ୍କୁ ନିରନ୍ତର ପାଇପ ପାଣି ଯୋଗାଣ ପ୍ରତିଶ୍ରୁତି ପରେ ପଡାବାସୀ ରାସ୍ତା ଅବରୋଧରୁ ଓହରିଥିଲେ। ରାସ୍ତାରୋକୋ ଆନ୍ଦୋଳନରେ ପୂର୍ବତନ ୱାର୍ଡ କାଉନସିଲର ତୁଳସି ସିପକା, ସାମାଜିକ କର୍ମୀ ସୁରଥ ବେହେରା ଓ ପଡାର ବହୁ ମହିଳା ଓ ପୁରୁଷ ସାମିଲ ଥିଲେ ।

# ଜୀବନ ଜୀବିକା ଉଦ୍ୟୋଗ ବିକାଶ ଶିବିର




ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜୁନାଗଡ଼,୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡ଼ାଠାରେ ଜିଲା ଶିଳ୍ପ କେନ୍ଦ୍ର କଳାହାଣ୍ଡି, ଶିଳ୍ପ ନିର୍ଦ୍ଦେଶାଳୟ ଓଡିଶା ସରକାର ଏବଂ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନର ମିଳିତରେ ଆଜୀବନ ଜୀବିକା ଉଦ୍ୟୋଗ ବିକାଶ ଶିବିର ଉଦଘାଟିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଥିବା ଶିକ୍ଷିତ ବେରୋଜଗାର ଯୁବକଯୁବତୀମାନଙ୍କୁ ନେଇ ଆୟୋଜିତ ଶିବିରକୁ ବ୍ଲକ ଅଧକ୍ଷା ସବିତା ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁଣ୍ଡରାଗୁଡ଼ା ସରପଞ୍ଚ ତାରା ଶଙ୍କର ରାୟଗୁରୁ, ମୁଖ୍ୟ ପ୍ରବନ୍ଧକ ଜିଲା ଶିଳ୍ପ କେନ୍ଦ୍ର ମୋହନ ମାଝି, ସହ ପ୍ରବନ୍ଧକ ଦୀପକ ଅଗ୍ରୱାଲ, ଆଇପିଓ ଚିନ୍ମୟୀ ଭୋଇ, ସୌଭାଗ୍ୟ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଉଦ୍ୟୋଗ ବିକାଶ ସମ୍ବନ୍ଧୀୟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ୧୨ ଦିନ ବ୍ୟାପି ସରକାରଙ୍କ ବିଭିନ୍ନ ବିଭାଗ ଜନହିତକାରୀ ଯୋଜନା ଓ ବିଶେଷ ଭାବେ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ବିକାଶ ସମ୍ବନ୍ଧୀୟ ଯୋଜନାର ବିସ୍ତୃତ ବିବରଣୀ ଓ ତାଲିମ ପ୍ରଦାନ କରାଯିବ। ଏଥିରେ ମୁଣ୍ଡରାଗୁଡା, ଖସିଗୁଡା, ଚିଲିଗୁଡା, ଚାରଭାଟି ଓ ଚିଲକପୁର ଗ୍ରାମରୁ ୩୦ଜଣ ଯୁବକଯୁବତୀ ଭାଗ ନେଇଥିଲେ। ଜାତୀୟ ଯୁବ ସେଚ୍ଛାସେବୀ ଦେବାଶିଷ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଦ୍ମାବତୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସଙ୍ଗଠକ ଅବିନାଶ ମୁଣ୍ଡ ଶିବିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଲାବଣ୍ୟ ବାଗ, ମନୋହର ପଟେଲ ଓ ଉର୍ମିଳା ମାଝି ଯୋଗଦାନ କରିଥିଲେ।

# ତନଖି ଫାଟକରୁ ଗଞ୍ଜେଇ ଜବତ, ୩ ଗିରଫ

ନୂଆପଡ଼ା ଅଫିସ,୫।୫

ନୂଆପଡା ଜିଲା ଜୋଙ୍କ ଥାନା ଅଧୀନ ଖରିଆର ରୋଡ ଅନ୍ତଃରାଜ୍ୟ ତନଖି ଫାଟକ ନିକଟରୁ ଗୁରୁବାର ଜିଲା ଅବକାରୀ ବିଭାଗ ୨୩ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଉତ୍ତରପ୍ରଦେଶର ଶୁଭମ ସିଂ, ବିମଳ ସିଂ ଓ ଶିବେନ୍ଦ୍ର ସିଂ। ସୂଚନା ମୁତାବକ ଜିଲା ଅବକାରୀ ବିଭାଗର ଭ୍ରାମ୍ୟମାଣ ଟିମ୍ ଖରିଆର ରୋଡ ତନଖି ଫାଟକ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଜଳାରାମ ମନ୍ଦିର ପାଖରେ ସମ୍ପୃକ୍ତ ୩ଜଣ ବ୍ୟକ୍ତି ଛିଡା ହୋଇଥିବା ଦେଖି ସନ୍ଦେହରେ ସେମାନଙ୍କ ପାଖରେ ଥିବା ବସ୍ତା ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବସ୍ତାରୁ ୨୩ କିଗ୍ରା ଗଞ୍ଜେଇ ବାହାରିଥିଲା। ଅବକାରୀ ଟିମ୍ ୩ଜଣଙ୍କୁ ଅଟକ ରଖି ପଚାରା ଉଚରା କରିବାରୁ ସେମାନେ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା। ସେମନଙ୍କ ନାମରେ ଏକ ମାମଲା ରୁଜୁ କରି ଅବକାରୀ ବିଭାଗ କୋର୍ଟ ଚାଲାଣ କରିଛି।

# ଧର୍ମଗଡ଼ ସହରକୁ ପଲିଥିନମୁକ୍ତ କରିବାକୁ ଗୁରୁତ୍ୱ



ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଉଛି।

ଧର୍ମଗଡ଼,୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ଏନ୍‌ଏସି କାର୍ଯ୍ୟାଳୟରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରକୁ ସମ୍ପୂର୍ଣ୍ଣ ପଲିଥିନ ମୁକ୍ତ କରିବା ପାଇଁ ଏନ୍‌ଏସି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହରରେ ଥିବା ବ୍ୟବସାୟୀମାନେ ନିଷିଦ୍ଧ ପଲିଥିନ ବ୍ୟବହାର ନ କରିବାକୁ ଏନ୍‌ଏସି ଅଧକ୍ଷ ଅଶୋକ କୁମାର ମହାନ୍ତି ଅନୁରୋଧ କରିଛନ୍ତି। ବୈଠକରେ ଧର୍ମଗଡ଼ ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ସାହୁ, ସାଧାରଣ ସମ୍ପାଦକ ଅରୁଣ କୁମାର ତାୟଲ, ଶ୍ରବଣ କୁମାର ଅଗ୍ରୱାଲ ଯୋଗଦେଇ ନିଷିଦ୍ଧ ପଲିଥିନ, ସହରରେ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ସହରକୁ ପଲିଥିନମୁକ୍ତ କରିବା ଓ ବ୍ୟବସାୟୀମାନଙ୍କ ମହଲରେ ସଚେତନତା ସୃଷ୍ଟି କରିବା ପାଇଁ ଏନ୍‌ଏସି ପକ୍ଷରୁ ଉଚିତମାନର ପଲିଥିନ ବ୍ୟବସାୟୀମାନଙ୍କୁ ଯୋଗାଇ ଦିଆଯିବ। ବ୍ୟବସାୟୀମାନେ ଏହାର ଉଚିତ ଦେୟ ପୈଠ କରିବେ ବୋଲି ଅଧକ୍ଷ ମହାନ୍ତି ପ୍ରକାଶ କରିଥିଲେ। ଆଗାମୀ ବର୍ଷା ଋତୁ ପୂର୍ବରୁ ସହର ମୁଖ୍ୟ ରାସ୍ତା ସମେତ ପ୍ରତ୍ୟେକ ୱାର୍ଡର ଡ୍ରେନଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କରିବା ସହ ଡ୍ରେନଗୁଡିକରେ ଔଷଧ ସିଞ୍ଚନ ପାଇଁ ସଂଘ ପକ୍ଷରୁ ଅଧକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ବର୍ଷା ସମୟରେ ସହର ମଧ୍ୟରେ ପାଣି ଜମିବା ସ୍ଥାନଗୁଡିକକୁ ଚିହ୍ନଟ କରାଯାଇ ଆଗତୁରା ପଦକ୍ଷେପ ନେବା ପାଇଁ ଅଧକ୍ଷ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଏନ୍‌ଏସିର ଶୁଭାଶିଷ ନାୟକ ମଧ୍ୟ ଉପସ୍ଥିତ ଥିଲେ।

# ସମାଜର ଉନ୍ନତି ଉପରେ ଆଲୋଚନା



ମାରଓ୍ୱାଡ଼ି ସମ୍ମେଳନର ନୂତନ କର୍ମକର୍ତ୍ତା ବୃନ୍ଦ।

- ମାରଓ୍ୱାଡି ସମ୍ମେଳନ ନୂତନ କର୍ମକର୍ତ୍ତା ଚୟନ
- ସଭାପତି ଚମ୍ପକ, ସମ୍ପାଦକ ରୂପେଶ ମନୋନୀତ

ଜୁନାଗଡ଼,୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ଅଗ୍ରସେନ ଭବନଠାରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ମାରଓ୍ୱାଡି ସମ୍ମେଳନର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ଚମ୍ପକ ଅଗ୍ରୱାଲ, ସମ୍ପାଦକ ରୂପେଶ ଅଗ୍ରୱାଲ, କୋଷାଧ୍ୟକ ଅନୀଲ ଅଗ୍ରୱାଲ, ଉପସଭାପତି ଦିଲୀପ ଅଗ୍ରୱାଲ, ଯୁଗ୍ମସମ୍ପାଦକ ରାଜେଶ ଅଗ୍ରୱାଲ, ଉପଦେଷ୍ଟା ବଜରଙ୍ଗ ଖେମକା, ମୁକେଶ ଅଗ୍ରୱାଲ, କୁଞ୍ଜ ବିହାରୀ ଅଗ୍ରୱାଲ, ରାଜ କୁମାର ଗୋୟଲ,ସୁରେନ ଗୋୟଲ,ମନୋଜ ଅଗ୍ରୱାଲ, କୈଳାସ ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଥିଲେ। କମିଟି ଚୟନ ବୈଠକରେ ପୂର୍ବତନ ସଭାପତି ବଜରଙ୍ଗ ଖେମକା ଅଧକ୍ଷତା କରିଥିଲେ। ସମାଜ ଉନ୍ନତି ଓ ଆଗାମୀ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ପରେ ସ୍ଥାନୀୟ ଅଗ୍ରସେନ ଭବନ କମିଟି ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଗୋପାଳ ମିତ୍ତଲ, ସମ୍ପାଦକ ସନ୍ତୋଷ ସିଙ୍ଘଲ, କୋଷାଧ୍ୟକ୍ଷ ପ୍ରଣବ ଗୋୟଲ ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକ ଆରମ୍ଭରେ ଏନ୍‌ଏସି ଅଧକ୍ଷ ତଥା ସମାଜ ପାଇଁ ଗୌରବ ଆଣିଥିବା ମୁକେଶ ଅଗ୍ରୱାଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ମାରଓ୍ୱାଡି ମହିଳା ସମିତି, ଯୁବାମଞ୍ଚ କର୍ମକର୍ତ୍ତା ଯୋଗଦେଇଥିଲେ।

# ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ

ନୂଆପଡ଼ା ଅଫିସ,୫।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ହଲୁଆପାଲି ଗାଁରେ ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ନାମଯଜ୍ଞରେ ଅଞ୍ଚଳର ମୋଟ ୭ଟି ସଂର୍କୀତ୍ତନ ଦଳ ଯୋଗଦେଇଥିଲେ। ଦ୍ୱିତୀୟ ବର୍ଷ ପାଇଁ ଅନୁଷ୍ଠିତ ଏହି ୧୬ ନାମଯଜ୍ଞରେ ସୁନାବେଡା ଅଭୟାରଣ୍ୟର ହଜାର ହଜାର ଶ୍ରଦ୍ଧାଳୁ ଆସିଥିଲେ। ଗାଁରେ ଏକ ଭିନ୍ନ ପରମ୍ପରା ରହିଥିଲା। ୨୧ଦିନ ଗାଁ ଭିତରେ ଯିଏ ମାଦକ ଦ୍ରବ୍ୟ ସେବନ କଲେ ୨ ହଜାର ଜରିମାନା ନିୟମ କରାଯାଥିଲା। ୨୧ ଦିନ ପର୍ଯ୍ୟନ୍ତ ଗାଁର ସବୁ ଦ୍ୱାରମୁହରେ କଳସ ସ୍ଥାପନ କରି ସନ୍ଧ୍ୟାରେ ଦୀପ ଜଳାଉଥିଲେ। ଦିରବଲ ମାଝି ଓ ସୁନ୍ଦରମତୀ ମାଝି କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ ସରୋଜ କୁମାର ତ୍ରିପାଠୀ ପୂଜକ ଭାବେ ନିୟୋଜିତଥିଲେ। ପବିତ୍ର ମାଝି, ଯୁଜେଷ୍ଟିର ମାଝି, ଉଭା ମାଝି, ପଦ୍ମ ଚରଣ ମାଝି, ଜୟ ପ୍ରକାଶ ମାଝି ପରିଚାଳନା କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା

ଲାଠୋର, ୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଶିବ ମନ୍ଦିର ପଡ଼ାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ନଂ. ୨ରେ ପାନୀୟ ଜଳ ସମସ୍ୟା ରହିଛି। କେନ୍ଦ୍ରକୁ ପ୍ରତିଦିନ ୪୦ ପ୍ରି-ସ୍କୁଲ ପିଲାଙ୍କ ସହ ଗର୍ଭବତୀ, ପ୍ରସୂତୀ ମହିଳା ଗରମ ରନ୍ଧାଖାଦ୍ୟ ଖାଇବାକୁ ଆସୁଛନ୍ତି। ଏଠାରେ ପ୍ରତି ମାସ ଶିଶୁ ଏବଂ ମହିଳାଙ୍କ ଟିକାକରଣ, ମମତା ଦିବସ, ଆରବିଏସକେ ଶିବିର ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ ହେଉଛି। ହେଲେ ଏଠାରେ ଖୋଳା ଯାଇଥିବା ନଳକୂପ ୨୦୧୩ ମସିହାରୁ କାମକୁ ଆସୁନାହିଁ। ବର୍ଷା ଦିନକୁ ଛାଡ଼ି ଦେଲେ ଅନ୍ୟ ଦିନରେ ନଳକୂପରୁ ପାଣି ବାହାରୁ ନାହିଁ। କେନ୍ଦ୍ରରେ ଯେ କୌଣସି କାର୍ଯ୍ୟକ୍ରମ ହେଲେ ପଡ଼ା ଭିତରେ ନଳକୂପରୁ ପାଣି ଆଣି ବ୍ୟବହାର କରାଯାଏ। ଶିଶୁମାନେ ପ୍ରି-ସ୍କୁଲ ସମୟରେ ପାନୀୟ ଜଳ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପ୍ରଶାସନ ପାନୀୟ ଜଳ ସମସ୍ୟା ଉପରେ ପ୍ରସ୍ତାବ ମାଗିବା ଅନୁଯାୟୀ ମହିଳା ଓ ଶିଶୁ ବିକାଶ ବିଭାଗ ଲାଠୋର କ୍ଷେତ୍ର ପରିଦର୍ଶିକା ଅଞ୍ଜଳି ମିଶ୍ର ୩ ମାସ ପୂର୍ବେ ଲାଠୋର ଅଙ୍ଗନୱାଡ଼ି କେନ୍ଦ୍ର ନଂ ୧ ଏବଂ ୨ରେ ପାନୀୟ ଜଳ ସମସ୍ୟାର ବଧିବଦ୍ଧ ବ୍ୟବସ୍ଥା କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ। ହେଲେ ଅଦ୍ୟାବଧି ସେହି ସମସ୍ୟାର ସମାଧାନ ହୋଇପାରି ନାହିଁ। ଅବିଳମ୍ବେ ଏଥିପ୍ରତି ଦୃଷ୍ଟି ଦେବାକୁ ଦିଲୀପ ନାଏକ, ଗୌରୀଶଙ୍କର ଥନାପତି, ଦିଲୀପ ବାରିକ, ଚନ୍ଦ୍ରମଣି ଶବର ପ୍ରମୁଖ ଦାବି କରିଛନ୍ତି।

# ମଣିଷ, ପ୍ରକୃତିର ରକ୍ଷାକର୍ତ୍ତା ଥିଲେ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ

ଭବାନୀପାଟଣା,୫।୫(ସ୍ୱ.ପ୍ର.)

ଭବାନୀପାଟଣା ଏସ୍ଏନ୍ କନଫେରନଶ ହଲଠାରେ କାଳିକୃଷ୍ଣ ସଂଘ ଆନୁକୂଲ୍ୟରେ ସତ୍ୟାନନ୍ଦଙ୍କ ଜୀବନୀ ପୁସ୍ତକ ଲୋକାର୍ପିତ ହୋଇଛି। ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ସଭାମୁଖ୍ୟ ତଥା ସତ୍ୟାନନ୍ଦଙ୍କ ଜୀବନୀ ଲେଖକ ଜଗଦାନନ୍ଦଜୀ ଯୋଗଦେଇ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜା କାଳିକୃଷ୍ଣ ସଂଘ ଗଠନ କରି ଏକ ଦିବ୍ୟ ପରମ୍ପରା, କୁଳାଚାର, ଦେଶାଚାର, ସମାଜ ସଂସ୍କାର, ସଂସ୍କୃତି ଓ ପ୍ରକୃତ ଆଧ୍ୟାତ୍ମିକତାର ପଥପ୍ରଦର୍ଶନ କରିଛନ୍ତି। ତାଙ୍କ ପରୋପକାର ବାର୍ତ୍ତା ସାରା ବିଶ୍ୱ ପାଇଁ ଉଦ୍ଦିଷ୍ଟ। ସେଥିପାଇଁ ମହାଯଜ୍ଞ, କାଳିକୃଷ୍ଣ ମେଳା, ବୃକ୍ଷରୋପଣ, ଜନସେବା, ରକ୍ତଦାନ, ଅନ୍ନଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସତ୍ୟକୁ ଅନୁସରଣ କର ଆନନ୍ଦ ପ୍ରାପ୍ତି ହେବ ଓ ଏହି ଆନନ୍ଦ ହିଁ ସତ୍ୟାନନ୍ଦ ବୋଲି ଜଗଦାନନ୍ଦଜୀ କହିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା, ସମ୍ମାନିତ ଅତିଥି ଡ. ଉମେଶ ଚନ୍ଦ୍ର ଶତପଥୀ, ପୁସ୍ତକ ସମୀକ୍ଷକ ଗବେଶକ ନାଟ୍ୟକାର ପରମେଶ୍ୱର ମୁଣ୍ଡ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ସରୋଜାନନ୍ଦଜୀ କହିଥିଲେ ସତ୍ୟାନନ୍ଦ ଦର୍ଶନରେ ପରୋପକାର, ସେବା, ତ୍ୟାଗ ସମାହିତ ରହିଛି ବୋଲି କହିଥିଲେ। ଉକ୍ତ ସଭାରେ କାଳିକୃଷ୍ଣ ସଂଘ ସମ୍ପାଦକ ମାଧବାନନ୍ଦ ସ୍ୱାଗତ ଅଭିଭାଷଣ, ସଂଘ ମିଡିଆସେଲ ପ୍ରମୁଖ ଜନ୍ମେଜୟ ଦାଶ କୃତଜ୍ଞତା ଜ୍ଞାପନ ଓ ଭବାନୀପାଟଣା ଶାଖା ସଂଘ ସମ୍ପାଦକ ଜଗନ୍ନାଥ ମୁଣ୍ଡ ସଂଯୋଜନା କରିଥିଲେ। ଆଚାର୍ଯ୍ୟ ତୋଷାନନ୍ଦ ଓ ଅଭୟାନନ୍ଦ ଶାନ୍ତିପାଠ କରିଥିଲେ। ସଭାରେ କାଳୀକୃଷ୍ଣ ସଂଘ ମୁଖ୍ୟ କର୍ମକର୍ତ୍ତା, ଶାଖା ସଂଘ କର୍ମକର୍ତ୍ତା, ଶୁଭେଚ୍ଛୁ ଯୋଗଦାନ କରିଥିଲେ। ଗିରିଶ ପୁରୋହିତ, ପ୍ରିୟାନନ୍ଦ, ଅଶୋକ ବେହେରା, ନବ କିଶୋର ମୁଣ୍ଡ, ବିଶ୍ୱନାଥ ପଣ୍ଡା, ଗୋପାଳ ଚନ୍ଦ୍ର ଠାକୁର, ତେଜସ୍ୱିନୀ ପଣ୍ଡା, କବିତା ମୁଣ୍ଡ, କଲ୍ୟାଣି ଦାସ, ଅପର୍ଣ୍ଣା ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ପୁସ୍ତକ ଲୋକାର୍ପଣ କରାଯାଉଛି।

**ସତ୍ୟାନନ୍ଦଙ୍କ ଜୀବନୀ ପୁସ୍ତକ ଲୋକାର୍ପିତ**

## ଚାଷଜମିକୁ ମାଡୁନି ପାଣି

**ବରପାଲି,(ଡି ଏନ ଏ):** ବରଗଡ ଜିଲା ବରପାଲି ବ୍ଲକ ଅଧୀନ କୁମ୍ଭାରୀର ୭ ନମ୍ବର ଆଡି, ମାଉଳି ମନ୍ଦିର ଓ ସମଲେଇ ମନ୍ଦିର ଅଞ୍ଚଳରେ ଚାଷ ହୋଇଥିବା ଧାନଜମିକୁ ପାଣି ମାଡ଼ି ପାରୁନାହିଁ । ଧାନ ଫସଲ ବାହାରିବା ସମୟରେ ପାଣି ନିଅଣ୍ଟ ହେଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଆସନ୍ତା ୧୦ ତାରିଖରେ କେନାଲ ପାଣି ବନ୍ଦ ହେବାକୁ ଯାଉଛି। ଅମଳ ପୂର୍ବରୁ ଯଥେଷ୍ଟ ପାଣି ନ ମିଳିଲେ ଧାନ ଫସଲ ନଷ୍ଟ ହେବ । ଏ ନେଇ ପଦକ୍ଷେପ ନେବାକୁ ଚାଷୀ ପ୍ରକାଶ ମାଝୀ, କମଳ ସାହୁ, ତେଜରାଜ ବେହେରା, ସୁଦର୍ଶନ ସାହୁ, ନାରାୟଣ ପାଣିଗ୍ରାହୀ ଓ ପ୍ରଶାନ୍ତ ସାହୁ ଦାବି କରିଛନ୍ତି ।

## ସଂକ୍ଷେପରେ

### ଶମ୍ବର ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

**କନ୍ଧମାଳ,୫।୫(ଡି.ଏନ୍.ଏ.):** ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜର ବରପଦର ସେକ୍ସନର ବଡଝାରମୁଣ୍ଡା ବିଟ ନିକଟସ୍ଥ ଲାଖ ପର୍ବତ ଡ୍ୟାମରୁ ଗତ ୧ ତାରିଖରେ ବନ ବିଭାଗ ଏକ ମୃତ ଶମ୍ବର ଉଦ୍ଧାର କରିଥିଲେ। ମୃତ ସମ୍ବରଟି ପାଣି ପିଇବାକୁ ଡ୍ୟାମକୁ ଆସିଥିବା ବେଳେ ଶିକାରୀଙ୍କ ଦ୍ୱାରା ମରାଯାଇଥିବା ବନ ବିଭାଗ ଜାଣିପାରିଥିଲା। ଶମ୍ବର ମୃତ ଘଟଣାକୁ ବନବିଭାଗ ପକ୍ଷରୁ ଗୁରୁତର ସହ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଗତ ୨ ତାରିଖରେ ବନ ବିଭାଗ ପକ୍ଷରୁ ଲାଖ ପର୍ବତ ଗ୍ରାମର ଶିକାରୀ ନରେନ୍ଦ୍ର କ୍ଷେତିକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ବୁଧବାର ମାର୍ଡୋଲ ଗ୍ରାମର ଅକ୍ରୁର ପାତ୍ରଙ୍କୁ ଶିକାର ଘଟଣାରେ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ଶମ୍ବର ଓଜନ ପାଖାପାଖି ୮୫ କେଜି ହେବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି। ଏହି ଚଢାଉରେ କନ୍ଧମାଳ ରେଞ୍ଜର କ୍ଷୀରାଧ୍ୱୀ ପ୍ରଧାନଙ୍କ ନେତୃତ୍ୱରେ ବନପାଳ ରବୀନ୍ଦ୍ର କୁମ୍ଭାର, ମାଳତୀ ମାଝି, ବନରକ୍ଷୀ ପ୍ରଦ୍ୟୁମ୍ନ ପ୍ରଧାନ, ସୁମନ୍ତ ମଲିକ ସାମିଲ ଥିଲେ।

### ୧୧ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍

**ଅତାବିରା,୫।୫(ଡି.ଏନ.ଏ):** ବରଗଡ଼ ଜିଲା ଗୋଡ଼ଭଗା କ୍ୟାମ୍ପରେ ଗୁରୁବାର ଜଣେ ଦୋକାନୀଙ୍କ ବାଇକ୍‌ରେ ଥିବା ପ୍ରାୟ ୧୧ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ଏ ନେଇ ଦୋକାନ ମାଲିକ ସାଧୁଚରଣ ତ୍ରିପାଠୀ ଅତାବିରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫୦/୨୨) ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ଦୋକାନୀ ଜଣକ ସବୁଦିନ ଭଳି ବାଇକ୍ ଯୋଗେ ବରାହମୁଣ୍ଡା ସ୍ଥିତ ବାସଭବନରୁ ଗୋଡ଼ଭଗା କ୍ୟାମ୍ପ ସ୍ଥିତ ନିଜ ଅଳଙ୍କାର ଦୋକାନକୁ ଆସିଥିଲେ। ସେ ଦୋକାନରେ ପହଞ୍ଚିବା ପରେ ବାଇକ୍‌କୁ ଦୋକାନ ସମ୍ମୁଖରେ ରଖିଥିଲେ ଏବଂ ପାଖ ଦୋକାନକୁ ଯାଇଥିଲେ। ସେହି ସମୟରେ ଲୁଟେରାମାନେ ବାଇକ୍ ଥିବା ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଲୁଟି ନେଇ ଫେରାର୍ ହୋଇ ଯାଇଥିବା ସେ ଅଭିଯୋଗ କରିଛନ୍ତି।

### ଚୋରି ବାଇକ୍ ଜବତ, ଜଣେ ଗିରଫ

**ପଦ୍ମପୁର,୫।୫(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପରିସରରୁ ଚୋରି ହୋଇଥିବା ଏକ ବାଇକ୍ (ନଂ.ଓଡ଼ି୧୭ପି/୪୪୫୪) ଉଦ୍ଧାର ହୋଇଛି। ପୋଲିସ ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପାଇକମାଳ ଥାନା ଡୁଡୁକିଝରିଆ ଗ୍ରାମର ଅବଦୁଲ ଖାଁ(୨୦)। ତାଙ୍କୁ ଗୁରୁବାର ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଗତମାସ ୨୯ତାରିଖରେ ପଦ୍ମପୁର ଥାନା ଡଙ୍ଗାଘାଟ ନିବାସୀ ଅନନ୍ତ ରଣା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ଆସିଥିଲେ। ସେଠାରୁ ତାଙ୍କ ବାଇକ୍ ଚୋରି ହୋଇଥିଲା।

### ରାସ୍ତା ଉପରେ ଚାଲିଛି ଡ୍ରେନ୍ ପାଣି, ପ୍ରଶାସନ ନୀରବ



**ବାଉଁଶୁଣୀ,୫।୫(ଡି.ଏନ୍.ଏ.):** ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥ ବାଉଁଶୁଣୀ ଛକ ବଜାର ରାସ୍ତା ଉପରେ ଅହରହ ଚାଲିଛି ନର୍ଦ୍ଦମା ପାଣି। ଡ୍ରେନ ତିଆରି କରିବା ଦିନଠୁ ଗୋଟିଏ ଦିନ ମଧ ଡ୍ରେନ ସଫାକରା ଯାଇନାହିଁ । ବର୍ଷା ଦିନେ ଡ୍ରେନର ପାଣି ରାସ୍ତା ଉପରେ ଚାଲିବା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ। ହେଲେ ଖରା ଦିନେ ମଧ ବାଉଁଶୁଣୀ ଛକ ଜାତୀୟ ରାଜପଥ କଡ଼ରେ ଥିବା ଡ୍ରେନ ଉପରେ ପାଣି ଚାଲିଛି। ଜାତୀୟ ରାଜପଥ ଉପରେ ନର୍ଦ୍ଦମା ପାଣି ଚାଲିବା ଘଟଣା ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଲୋକେ ନର୍ଦ୍ଦମା ପାଣି ଉପରେ ଯାତାୟତ କରିବା ସହ ଅଞ୍ଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏ ସମ୍ପର୍କରେ ପ୍ରଶାସନ କିମ୍ବା ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

# ଟୋଲ୍ ପ୍ଲାଜା ଘଣ୍ଟାଏ ଅଚଳ

**ବରଗଡ଼ ଅଫିସ୍,୫।୫**




ଟୋଲ୍ ପ୍ଲାଜାରେ ବିକ୍ଷୋଭ ପ୍ରଦର୍ଶନ।

- ଟୋଲଟ୍ୟାକ୍ସ ଅସୁଲିକୁ ବିରୋଧ
- ଆରଡ଼ି ରାସ୍ତାରୁ ବି ଟ୍ୟାକ୍ସ ଆଦାୟ
- ହାଇୱେ ୟୁଜର୍ସ ଫୋରମ୍‌ର ଦୃଢ଼ ପ୍ରତିବାଦ
- କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ମାରକପତ୍ର ପ୍ରଦାନ

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ସ୍ଥିତ ରାସ୍ତା ନିର୍ମାଣକାରୀ ସଂସ୍ଥା ଅଶୋକା ବିଲ୍ଡକନର ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କ ଟ୍ୟାକ୍ସ ଅସୁଲିକୁ ନେଇ ପୁଣି ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାକାମ ଏବଂ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଟୋଲପ୍ଲାଜା କର୍ତ୍ତୃପକ୍ଷ ବେଆଇନ ଭାବେ ଟ୍ୟାକ୍ସ ଅସୁଲି କରୁଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ରାଜପଥକୁ ସଂଯୋଗ କରୁଥିବା ଆରଡ଼ି (ଗ୍ରାମ୍ୟ ଉନ୍ନୟନ) ରାସ୍ତାରେ ମଧ୍ୟ ଟୋଲପ୍ଲାଜା କର୍ତ୍ତୃପକ୍ଷ ବେଆଇନ ଟ୍ୟାକ୍ସ ଅସୁଲ କରିବା ସମସ୍ତଙ୍କୁ ଚକିତ କରିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଆଖିବୁଜି ଦେଇଥିବାରୁ ଜନ ଅସନ୍ତୋଷ ବଢ଼ିଛି। ଏହି କ୍ରମରେ ଗୁରୁବାର ହାଇୱେ ୟୁଜର୍ସ ଫୋରମ ନେତୃତ୍ୱରେ ଟୋଲପ୍ଲାଜାକୁ ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଘଣ୍ଟାଏ ଧରି ଅଚଳ କରି ଦିଆଯାଇଥିଲା। ଜରୁରୀ ସେବାରେ ନିୟୋଜିତ ଗାଡ଼ି, ଆମ୍ବୁଲାନ୍ସକୁ ଛଡ଼ାଯାଇଥିଲା। ଏହି ପରିପ୍ରେକ୍ଷୀରେ ହାଇୱେ ୟୁଜର୍ସ ଫୋରମ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଗତ ୨୦୧୩ ମସିହାରୁ ପ୍ରାୟ ୯ବର୍ଷ ହେଲା ରାସ୍ତା ନିର୍ମାଣକାରୀ ସଂସ୍ଥା ଅଶୋକା ବିଲ୍ଡକନ ବରାହଗୋଡ଼ା ଟୋଲପ୍ଲାଜାରେ ଟ୍ୟାକ୍ସ ଅସୁଲି କରିଆସୁଛି। ଅନ୍ୟପଟେ ଏପର୍ଯ୍ୟନ୍ତ ବରଗଡ଼ ଜିଲା ସୋହେଲା ଥାନା ଲୁହୁରାଚଟିରୁ ସମ୍ବଲପୁର ଅଇଁଠାପାଲି ପଯର୍ୟନ୍ତ ରାସ୍ତାକାମ ସମ୍ପୂର୍ଣ୍ଣ କରିପାରିନାହିଁ। ଆବଶ୍ୟକ ସ୍ଥଳେ ରାସ୍ତାରେ ଆଲୋକ ବ୍ୟବସ୍ଥା, ସର୍ଭିସ ରୋଡ୍, ଅଣ୍ଡରପାସ୍, ରୋଡ୍ ସେଫ୍ଟି ପାଇଁ ଟ୍ରାଫିକ ସଙ୍କେତ, ରାସ୍ତାପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା, ଯାତ୍ରୀଙ୍କ ପାଇଁ ଶୌଚାଳୟ, ପାର୍କିଂ, ଫୁଡ୍ ଷ୍ଟଲ, ଡିସପେନ୍ସରି ଆଦି ଏପର୍ଯ୍ୟନ୍ତ ତିଆରି ହୋଇନାହିଁ। ସେହିପରି ଅନ୍ୟ ଟୋଲ ରୋଡ୍ ତୁଳନାରେ ଏହି ରାସ୍ତା ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବରାହଗୋଡ଼ାରେ ରହିଥିବା ପାନ୍ଥ ନିବାସକୁ ବେଆଇନ ଭାବେ କବ୍‌ଜା କରି ବରଗଡ଼ ପୌରାଞ୍ଚଳରୁ ୫କି.ମି ଭିତରେ ତଥା ସ୍କୁଲ, ପଞ୍ଚାୟତ ଅଫିସ ଭଳି ଜନଗହଳି ସ୍ଥାନ ପାଖରେ ଟୋଲ ପ୍ଲାଜା ତିଆରି କରାଯାଇଛି ଏବଂ ସେଠାରୁ ଟ୍ୟାକ୍ସ ଅସୁଲି କରାଯାଉଛି।

ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ ୨୦୨୦ ଡିସେମ୍ବର ୩୧ରେ ତତ୍କାଳୀନ ଜିଲାପାଳଙ୍କ ସଭାପତିତ୍ୱରେ ହାଇୱେ ୟୁଜର୍ସ ଫୋରମ, ଅଶୋକା ବିଲ୍ଡକନ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା(ଏନଏଚଏଆଇ) ପ୍ରତିନିଧିଙ୍କ ମଧ୍ୟରେ ମିଳିତ ବୈଠକ ହୋଇଥିଲା। ସେହି ବୈଠକରେ ନିର୍ଣ୍ଣୟ ଅନୁସାରେ ୨୦୨୧ ଜାନୁୟାରୀ ୫ରେ ହାଇୱେ ୟୁଜର୍ସ ଫୋରମ ପକ୍ଷରୁ ଜିଲାପାଳଙ୍କ ଅଫିସକୁ ବେଆଇନ ଟ୍ୟାକ୍ସ ଅସୁଲି ବିଷୟରେ ଅବଗତ କରାଯାଇଥିଲା ଏବଂ ତର୍ଜମା କରି ଉତ୍ତର ପାଇଁ ଅନୁରୋଧ କରାଯାଇଥିଲା। ବର୍ଷେ ବିତି ଯାଇଥିବା ସତ୍ତ୍ୱେ ଏହାର କିଛି ଉତ୍ତର ମିଳିଲାନାହିଁ। ଅନ୍ୟପକ୍ଷେ ଟୋଲପ୍ଲାଜା କର୍ତ୍ତୃପକ୍ଷ ଆରଡ଼ି ରାସ୍ତାରୁ ବେଆଇନ ଭାବେ ଟ୍ୟାକ୍ସ ଅସୁଲି କରୁଛି। ଏହାର ପ୍ରତିବାଦରେ ହାଇୱେ ୟୁଜର୍ସ ଫୋରମ ଆନ୍ଦୋଳନକୁ ଓହ୍ଲାଇଛି। ଦାବି ପୂରଣ ନ ହେଲେ ଟୋଲପ୍ଲାଜାରେ ବେଆଇନ ଟ୍ୟାକ୍ସ ଅସୁଲିକୁ ବନ୍ଦ କରିଦିଆଯିବ ବୋଲି ଫୋରମ ଚେତାବନୀ ଦେଇଛି। ଏଥିରେ ଫୋରମର ଆବାହକ ଇଂ ଦେବବ୍ରତ ମିଶ୍ର, ସହ ଆବାହକ ସୁଶାନ୍ତ କୁମାର ଦାଶ, ସମ୍ପାଦକ ଶେକ୍ ନଜିମୁଦ୍ଦିନ, ସତ୍ୟକେତନ ମହାନ୍ତି, ମନୋରଞ୍ଜନ ସିଂ ବରିହା, ନିହାର ରଞ୍ଜନ ମହାନନ୍ଦ, ଦିଲୀପ ସାୱାଡ଼ିଆ, ଉନ୍ନି ନାୟାର, ଭବାନୀ ସାହୁ, କେଦାର ମିଶ୍ର, ଅନିଲ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ମୋ କଲେଜ ଅଭିଯାନ ବୈଠକ

**ପାଇକମାଳ, ୫।୫(ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ସ୍ଥିତ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟଠାରେ ଗୁରୁବାର ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଲୋହିତ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ଏହିଉପଲକ୍ଷେ ଆୟୋଜିତ ବୈଠକରେ ଅଧକ୍ଷ ବାରିକ ମୋ କଲେଜ ଅଭିଯାନର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୋ କଲେଜ ଅଭିଯାନ ସଂଯୋଜକ ଅଧାପକ ପ୍ରଭାତ କୁମାର ବିଶାଳ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ମହାବିଦ୍ୟାଳୟରେ ଶିକ୍ଷା ସମାପ୍ତ କରି ସାରିଲା ପରେ ମଧ ଛାତ୍ରୀଛାତ୍ର କିପରି ମହାବିଦ୍ୟାଳୟ ସହ ଯୋଡ଼ି ହୋଇରହିବେ ସେ ନେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ବହୁ ପୁରାତନ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅଧାପକ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍‌କୁ ଧକ୍କାଦେଲା ଟ୍ରକ୍

**ଅତାବିରା,୫।୫(ଡି.ଏନ.ଏ)**

ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାସ୍ତାର ଉଦେପୁର ଛକରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି। କୌଣସି ଏକ ଅଜଣା ଟ୍ରକ ଧକ୍କା ଦେବାରୁ ଏକ କାର୍ (ନଂ.ଓଆର୨୩ଏଫ/୬୦୯୬) କ୍ଷତିଗ୍ରସ୍ତ ହୋଇଛି। ସେହିପରି କାର୍‌ଟି ପିଟି ହେବା ଯୋଗୁ ପାଖରେ ଥିବା ଏକ ହୋଟେଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ରୁଷୁଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଅତାବିରାରେ ୧୬ରୁ ଧାନକିଣା

**ଅତାବିରା,୫।୫(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ମଣ୍ଡି ଗୁଡ଼ିକରେ ୬ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏହାକୁ ପରିବର୍ତ୍ତନ କରାଯାଇଛି। ୬ତାରିଖ ବଦଳରେ ଆସନ୍ତା ୧୬ତାରିଖରୁ ଉକ୍ତ ଆରଏମ୍‌ସିରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆରଏମସି ସମ୍ପାଦକ ପ୍ରଦୀପ କୁମାର ବେସନ ସୂଚନା ଦେଇଛନ୍ତି । ଅଞ୍ଚଳର କେତେକ ଚାଷୀ ମଣ୍ଡି ଖୋଲିବା ଧାର୍ଯ୍ୟ ଦିବସ ପରିବର୍ତ୍ତନ କରିବାକୁ ପ୍ରଶାସନଠାରେ ଦାବି କରିଥିଲେ। ତାକୁ ଭିତ୍ତି କରି ସେଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବେସନ କହିଛନ୍ତି।

## ସନ୍ଦୀପ ସାୱାଡ଼ିଆ ନୂତନ ଅଧ୍ୟକ୍ଷ ନିର୍ବାଚିତ



ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଉଛି।

**ବରଗଡ଼ ଅଫିସ୍,୫।୫**

ଅଖିଳ ଭାରତୀୟ ମାରୱାଡ଼ି ସମ୍ମେଳନ ବରଗଡ଼ ଶାଖାର ଅଧ୍ୟକ୍ଷ କିଶୋର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବୁଧବାର ନୂତନ ଅଧ୍ୟକ୍ଷ ନିର୍ବାଚନ ସକାଶେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୨୦୨୨-୨୪ ଦୁଇବର୍ଷ ପାଇଁ ସନ୍ଦୀପ ସାୱାଡ଼ିଆ ନିର୍ଦ୍ୱନ୍ଦ୍ୱରେ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସମସ୍ତଙ୍କ ସହଯୋଗରେ ସମ୍ମେଳନକୁ ଆହୁରି ସୁଦୃଢ଼, ଲୋକାଭିମୁଖୀ କରିବା ପାଇଁ ନୂତନ ଅଧ୍ୟକ୍ଷ ସାୱାଡ଼ିଆ ଆହ୍ୱାନ ଦେଇଛନ୍ତି। ପୂର୍ବତନ ରାଜ୍ୟ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ରତନ ଅଗ୍ରୱାଲ, ପ୍ରାନ୍ତୀୟ ସମ୍ପାଦକ କିଶନ ଅଗ୍ରୱାଲଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, ପଦାଧିକାରୀ ଉପସ୍ଥିତ ଥିଲେ।

## ରେଲୱେ ପ୍ରବନ୍ଧକଙ୍କୁ ଭେଟିଲା ଉପଭୋକ୍ତା ସଂଘ

**ବରଗଡ଼ ଅଫିସ୍,୫।୫**



ବରଗଡ଼ ରେଳ ଉପଭୋକ୍ତା ସଂଘର ପ୍ରତିନିଧି ଦଳ ରେଳ ପ୍ରବନ୍ଧକଙ୍କୁ ସ୍ମାରକପତ୍ର ଦେଉଛନ୍ତି।

**ଭୁବନେଶ୍ୱର, ନୂଆଦିଲ୍ଲୀକୁ ଟ୍ରେନ ଚଳାଚଳ ଦାବି**

ବରଗଡ଼ ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ବୁଧବାର ସମ୍ବଲପୁର ରେଳ ମଣ୍ଡଳର ପ୍ରବନ୍ଧକ ପ୍ରଦୀପ କୁମାରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ସକାଳ ସମୟରେ ଭୁବନେଶ୍ୱର ଏବଂ ନୂଆଦିଲ୍ଲୀ ପାଇଁ ସିଧାସଳଖ ରେଳସେବା ଯୋଗାଇ ଦେବା ନେଇ ପ୍ରତିନିଧି ଦଳ ରେଳ ପ୍ରବନ୍ଧକଙ୍କ ସହିତ ଆଲୋଚନା କରିଥିଲେ। ସଂଘର ପ୍ରତିନିଧିମାନେ କହିଥିଲେ, ଏକ ନୂତନ ଟ୍ରେନ ବଲାଙ୍ଗୀରରୁ ଭୁବନେଶ୍ୱର ଭାୟା କଟକ ଦେଇ କିମ୍ବା ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବରଗଡ଼/ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇପାରିବ। ସେହିପରି ରାୟଗଡ଼ା/କୋରାପୁଟ/ଜଗଦଲପୁରରୁ ନୂଆଦିଲ୍ଲୀ ଭାୟା ଟିଟିଲାଗଡ଼ ଓ ସମ୍ବଲପୁର କିମ୍ବା ସପ୍ତାହରେ ୩ଦିନ ଚାଲୁଥିବା ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସକୁ ସପ୍ତାହର ଅବଶିଷ୍ଟ ୪ଦିନ ରାୟଗଡ଼ା, ଟିଟିଲାଗଡ଼ ଓ ସମ୍ବଲପୁର ଦେଇ ଚଳାଚଳ କରାଯାଇପାରିବ। ଏହାଦ୍ୱାରା ବର୍ତ୍ତମାନ ରୁଟ୍ ଅପେକ୍ଷା ୨୨୭ କି.ମି ଦୂରତା ହ୍ରାସ ପାଇବ। ସଂଘର ଏହି ଦୁଇ ଦାବିକୁ ଯଥାର୍ଥ ବୋଲି କହିବା ସହିତ ଦୋହରୀକରଣ କାର୍ଯ୍ୟ ଶେଷ ହେବା ପରେ ଏହା ସମ୍ଭବ ହୋଇପାରିବ ଏବଂ ସେଥିପାଇଁ ସକରାତ୍ମକ ସୁପାରିଶ କରିବେ ବୋଲି ରେଳ ପ୍ରବନ୍ଧକ କୁମାର କହିଥିଲେ। ସଂଘ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା, ସମ୍ବଲପୁର-ତାଳଚେର ଦୋହରୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲେ ସୁଦ୍ଧା ୩ଟି ନୂଆଦିଲ୍ଲୀ ଟ୍ରେନ ତଥା ଭୁବନେଶ୍ୱର ପାଇଁ ଅନେକ ଟ୍ରେନ ଚାଲୁଛି। ସମ୍ବଲପୁର-ତାଳଚେର ଲାଇନ ୧୯୯୯ରେ ଖୋଲା ହୋଇଥିବା ବେଳେ ସମ୍ବଲପୁର-ଟିଟିଲାଗଡ଼ ଲାଇନ ୧୯୬୩ରେ ଆରମ୍ଭ ହୋଇଥିଲା। ଜନସାଧାରଣଙ୍କ ଭାବନାକୁ ଦୃଷ୍ଟିରେ ରଖି ଆସନ୍ତା ୩୧ତାରିଖ ମଧ୍ୟରେ ରେଲୱେ କିଛି ସକରାତ୍ମକ ପଦକ୍ଷେପ ନ ନେଲେ ଜୁନ ମାସରୁ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ପ୍ରଦୀପ କୁମାର ଦେବତା, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ସମ୍ପାଦକ କମଳ ଯୋଷୀ, ଯୁଗ୍ମ ସମ୍ପାଦକ କିଶୋର କୁମାର ରଥ, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବରଗଡ଼ ଅଫିସ୍,୫।୫**

ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ସ୍ଥିତ ମିଳିତ ଗ୍ରାମପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ କଲେଜ ଅଧ୍ୟକ୍ଷ ଶ୍ରୀମୁଖ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷିକା ପ୍ରିୟମ୍ବଦା ତ୍ରିପାଠୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ଶିବିର ସଂଯୋଜନା କରିଥିଲେ। ଶିବିରରେ ୫୯ଜଣ ଛାତ୍ରୀ ଅଂଶଗ୍ରହଣରେ କରିଥିଲେ।

## ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ, ୨ ମୃତ

**ବରଗଡ଼ ଅଫିସ୍,୫।୫**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ କୁତପାଲି ଦୁଇ ମୁହାଣୀ ନିକଟ ଆଇଟିଆଇ କଲେଜ ସମ୍ମୁଖରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଆର୧୭ଆର/୯୦୧୪) ୧୦ ଫୁଟ୍ ତଳକୁ ଖସିପଡ଼ିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବରପାଲି ବ୍ଲକ କୁମ୍ଭାରୀ ଗ୍ରାମର ଈଶ୍ୱର ବିଶି(୪୫) ଏବଂ ରଞ୍ଜିତ ସାହୁ(୪୨)। ଏହି ଦୁର୍ଘଟଣାରେ ୯ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଭେଡ଼େନ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ରାମଚନ୍ଦ୍ର ପ୍ରଧାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଆହତଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ପ୍ରକାଶ ଯେ, କୁମ୍ଭାରୀ ଗ୍ରାମରୁ ବାହାଘର ପରେ କନ୍ୟା ବିଦାୟ ପାଇଁ ୩୦ଜଣ ଭେଡ଼େନ ଥାନା ମାନପୁର ପଞ୍ଚାୟତ ଗଲିମା ଗ୍ରାମକୁ ପିକ୍‌ଅପ୍ ଭ୍ୟାନରେ ଯାଇଥିଲେ। ଭୋଜିଭାତ ପରେ ସେମାନେ ପୁଣି ସେହି ଗାଡ଼ିରେ କୁମ୍ଭାରୀ ଫେରୁଥିଲେ ଏବଂ ଫେରିବା ବାଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।




ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ।

## ଶ୍ରମିକ ବଦଳରେ ମେଶିନ କରୁଛି କାମ

**ବୌଦ୍ଧ, ୫।୫(ସ୍ୱ.ପ୍ର.)**



ବୌଦ୍ଧ ବ୍ଲକର ମୁଣ୍ଡିପଦର ଗ୍ରାମପଞ୍ଚାୟତର ଜାଲୋଇ ଗ୍ରାମରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଗ୍ରାମର କଇଁଫୁଲିଆ ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁଛି। କିନ୍ତୁ ପୋଖରୀ କାର୍ଯ୍ୟରେ ଶ୍ରମିକ ବଦଳରେ ମେଶିନ ସାହାଯ୍ୟରେ କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ଏପଟେ ବିନା ସୂଚନା ଫଳରେ କାମ ଚାଲୁରହୁଥିବା ଯୋଗୁ ସ୍ଥାନୀୟ ଲୋକମାନେ କାମର କୌଣସି ତଥ୍ୟ ପାଇପାରୁନାହାନ୍ତି। ଏପଟେ ଶ୍ରମିକମାନେ କାମ ନ ପାଇ ବାହାରକୁ ଚାଲିଯାଉଛନ୍ତି। ଉକ୍ତ କାମ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ମେଶିନ ଦ୍ୱାରା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ହାଇୱା ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ, ଉତ୍ତେଜନା

**ସୋନପୁର,୫।୫(ନି.ପ୍ର.)**



ଆହତ ଛାତ୍ର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୋନପୁର ବ୍ଲକ ଜନମୁରାଠାରେ ସଡକ ଦୁର୍ଘଟଣାରେ ଗୁରୁବାର ପୂର୍ବାହ୍ନରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଙ୍କ ନାମ ଆଲୋକ ଖୁରା। ତାଙ୍କ ଘର ବୀରମହାରାଜପୁର ଥାନା ଭାଲିଆପଦର ଅଞ୍ଚଳରେ। ସେହିପରି ମୃତ ଛାତ୍ରଙ୍କ ସହପାଠୀ ମନୋଜ ଥାପା ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମନୋଜଙ୍କ ଘର ବିନିକା ଥାନାର କାଲସେପାଲିରେ। ଘଟଣାକୁ ନେଇ ଛାତ୍ରୀଛାତ୍ର ପରିବାରବର୍ଗଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ମଡେଲ ଡିଗ୍ରୀ କଲେଜର ଯୁକ୍ତ ୩ ଶେଷ ବର୍ଷ ବିଜ୍ଞାନ ଛାତ୍ର ଆଲୋକ ଓ ମନୋଜ କ୍ଲାସ ସାରି ପଲସର ବାଇକ୍ ନମ୍ବର ଓଡ଼ି୩୧ଜେ-୯୦୫୩ରେ ସୋନପୁର ଫେରୁଥିଲେ। ଜନମୁରା ଗାଁ ମୁଣ୍ଡରେ ରେଳପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ମାଟି ବୋଝେଇ ଟାଟା ହାଇୱା ନମ୍ବର ଓଡ଼ି୧୫ଏ-୫୩୭୯ ଉକ୍ତ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଛାତ୍ର ଆଲୋକ ଓ ମନୋଜ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ତେବେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅବସ୍ଥା ସଙ୍କଟାପନ୍ନ ହେବାରୁ ମନୋଜଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତ ଛାତ୍ରଙ୍କ କକା ଶମ୍ଭୁଭୂଷଣ ଖୁରାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ହାଇୱା ଓ ବାଇକ୍‌କୁ ଜବତ କରିଛି। ଅନ୍ୟପକ୍ଷେ କେତେକ ଛାତ୍ର ରେଳପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଠିକାସଂସ୍ଥାର ହରଡଖୋଲସ୍ଥିତ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିବା ଜଣାପଡିଛି। ମୃତ ଓ ଆହତ ଛାତ୍ରଙ୍କ ପରିବାରବର୍ଗଙ୍କୁ ସହାୟତା ପ୍ରଦାନ ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି। ପୋଲିସ ଏଏସଆଇ ଶଶିରେଖା ଲୁହା ମାମଲାର ତଦନ୍ତ କରୁଛନ୍ତି।

